# ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ହେଉଛି ଚିନ୍ତା ବିଭ୍ରାଟର ଦଶନ୍ଧି : ମନୋଜ ଦାସ

( ଇଷ୍ଟର୍ଣ୍ଣ ମିଡ଼ିଆ ସର୍ଭିସ୍ )

ଭୁବନେଶ୍ୱର, ୧୪।୧ : ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ହେଉଛି ଚିନ୍ତା ବିଭ୍ରାଟର ଦଶନ୍ଧି ବୋଲି ବିଶିଷ୍ଟ ସାହିତ୍ୟିକ ତଥା ଅରବିନ୍ଦ ଦର୍ଶନର ବ୍ୟାଖ୍ୟାକାର ଶ୍ରୀ ମନୋଜ ଦାସ ପ୍ରକାଶ କରିଛନ୍ତି । ଗତ ୧୩ ତାରିଖ ସନ୍ଧ୍ୟାରେ ଶ୍ରୀ ଅରବିନ୍ଦ ସଂସ୍କୃତି ସଂସଦ ପକ୍ଷରୁ 'ସୂଚନା ଭବନ'ରେ ଆୟୋଜିତ ଏକ ସଭାରେ ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ମଣିଷ' ଶୀର୍ଷକ ବକ୍ତୃତା ପ୍ରଦାନ କରି ଶ୍ରୀ ଦାସ କହିଲେ ଯେ ଚଳିତ ଶତାବ୍ଦୀରେ ଯେଉଁ ଅଶାନ୍ତି ଦେଖାଯାଇଛି, ତାହାକୁ ହେତୁହୀନ ଅଶାନ୍ତି ବୋଲି ଚିତ୍ରଣ କରାଯାଇପାରେ । ସାଂପ୍ରତିକ ସ୍ଥିତିରେ ସନ୍ତୁଷ୍ଟ ରହିପାରୁ ନଥିବା ମଣିଷ ବରାବର ନୂଆ ଅନ୍ୱେଷଣରେ ବ୍ୟାପୃତ ହୋଇଛି ଏବଂ ଏହି ପ୍ରକ୍ରିୟାରେ ସେ ଅସନ୍ତୋଷର ମଧ୍ୟ ସମ୍ମୁଖୀନ ହୋଇଛି ।



ସମାଜରେ ମୂଲ୍ୟବୋଧର ଅବକ୍ଷୟ ଓ ସଂସ୍କୃତିଗତ ବିକୃତି ଘଟିଚାଲିଥିବା କଥାକୁ ସ୍ୱୀକାର କରି ଶ୍ରୀ ଦାସ କହିଥିଲେ ଯେ ଏହା ସତ୍ତ୍ୱେ ଚିରନ୍ତନ ମୂଲ୍ୟବୋଧର ବିଲୟ ଘଟିନାହିଁ । ବରଂ ପ୍ରତିକୂଳ ପରିବେଶରେ ମଧ୍ୟ ମଣିଷ ଏହି ମୂଲ୍ୟବୋଧର ପରିଚୟ ଦେଇଛି ଓ ଆତ୍ମାର ଇଙ୍ଗିତକୁ ସ୍ୱୀକାର କରିଛି ।

ଶ୍ରୀ ଦାସ ତାଙ୍କର ଏକଘଣ୍ଟା ବ୍ୟାପି ବକ୍ତୃତାରେ ବହୁ ପୌରାଣିକ ଗଳ୍ପ, ଐତିହାସିକ ତଥା ସାହିତ୍ୟିକ ଆଖ୍ୟାନର ଅବତାରଣା କରି ସତ୍ୟ- ଅସତ୍ୟ ପାପ-ପୁଣ୍ୟ ଭିତରର ପାର୍ଥକ୍ୟ ସଂପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ମଣିଷ ଜାତିର ଇତିହାସରେ ଯେତେବେଳେ କୌଣସି ଯୁଦ୍ଧ, ରକ୍ତକ୍ଷୟ ଓ ବିଭୀଷିକା ଆସିଛି ସବୁବେଳେ ମଣିଷ ସାମ୍ନାରେ ଏଧରଣର ଦ୍ୱନ୍ଦ୍ୱ ଆସି ପହଞ୍ଚିଛି । କୌରବ ପକ୍ଷର ସମସ୍ତେ ପାପୀ କିମ୍ବା ପାଣ୍ଡବ ପକ୍ଷର ସମସ୍ତେ ଧର୍ମପ୍ରାଣ ଥିବା କଥାକୁ ଅସ୍ୱୀକାର କରି ଶ୍ରୀ ଦାସ କହିଲେ ଯେ ଏସବୁ ନିର୍ବିଶେଷରେ ଚିରନ୍ତନ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବଙ୍କୁ ଅନୁପ୍ରେରିତ କରିଥିଲେ ।

ସାହିତ୍ୟ, ଚଳଚ୍ଚିତ୍ର ଓ ସଂଗୀତ କ୍ଷେତ୍ରରେ ବର୍ତ୍ତମାନ ଦେଖାଦେଇଥିବା ଚିନ୍ତା ବିଭ୍ରାଟର କେତେକ ଉଦାହରଣ ଦେଇ ସେ କହିଥିଲେ ଯେ ଯେଉଁମାନେ ସମାଜ ଉପରେ ଅପସଂସ୍କୃତିକୁ ଲଦି ଚାଲିଛନ୍ତି ସେମାନେ ଜନସାଧାରଣଙ୍କ ଚାହିଦା ପୂରଣ ପାଇଁ ଏସବୁ କରୁଥିବା ବାହାନା ଦର୍ଶାଉଛନ୍ତି । ମାତ୍ର ପ୍ରକୃତ ପକ୍ଷେ ସେମାନେ ଏ ଧରଣର ଅଶ୍ଳୀଳ ଓ ଅରୁଚିକର ଜିନିଷ ସମାଜ ଉପରେ ଲଦୁଥିବାରୁ ଜନସାଧାରଣ ତାହା ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଶ୍ରୀ ଦାସ ଅଭିଯୋଗ କରିଥିଲେ । ଚାହିଦା ଯୋଗୁ ଯୋଗାଣ ନା ଯୋଗାଣ ଯୋଗୁ ଚାହିଦା ଏହା ଏକ ବିବାଦମାନ ପ୍ରସଙ୍ଗ ହୋଇଥିବା ସ୍ୱୀକାର କରି ଶ୍ରୀ ଦାସ କହିଥିଲେ ଯେ ଏହି ଅବସ୍ଥାରୁ କେବଳ ସ୍ୱାର୍ଥାନ୍ୱେଷୀମାନେ ଫାଇଦା ଉଠଉଛନ୍ତି ।

ଆଲୋଚନାଚକ୍ରର ଅନ୍ୟତମ ସମ୍ମାନିତ ଅତିଥି ଅଧ୍ୟାପକ ଶ୍ରୀ ଚନ୍ଦ୍ରଶେଖର ରଥ କହିଥିଲେ ଯେ ସନ୍ଧ୍ୟାର କାଳ ନିରୂପଣ ଏକ ଆପେକ୍ଷିକ ବ୍ୟାପାର । ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ ସେ ଆଲୋଚ୍ୟ ପ୍ରସଙ୍ଗର ଦାର୍ଶନିକ ବ୍ୟାଖ୍ୟା କରିଥିଲେ ଏବଂ ମନୋଜ ଦାସଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ଶ୍ରୀ ବିମଳ ପ୍ରସନ୍ନ ଦାସ ପୌରୋହିତ୍ୟ କରିଥିଲେ ।

ରାଜ୍ୟର ବହୁ ବୁଦ୍ଧିଜୀବୀ, ପ୍ରଶାସକ, ଅଧ୍ୟାପକ, ଛାତ୍ରଛାତ୍ରୀ, ସାମ୍ବାଦିକ, ଅରବିନ୍ଦ ଦର୍ଶନର ଅନୁଗାମୀ ଏହି ସଭାରେ ଯୋଗ ଦେଇଥିଲେ । ମନୋଜ ବାବୁଙ୍କ ଭାଷଣ ଶୁଣିବା ପାଇଁ ସୂଚନା ଭବନରେ ପ୍ରବଳ ଜନଗହଳି ହୋଇଥିଲା ଓ ବହୁ ଶ୍ରୋତା ଦୀର୍ଘ ସମୟ ଧରି ଛିଡ଼ା ହୋଇ ଭାଷଣ ଶୁଣୁଥିବା ଲକ୍ଷ୍ୟ କରାଯାଇଥିଲା ।

## 'ସମର୍ପଣ'-ତରୁଣ ପ୍ରତିଭା ପ୍ରତିଯୋଗିତା

ଭୁବନେଶ୍ୱର, ତ୍ରୈମାସିକ ସାହିତ୍ୟ ପତ୍ରିକା 'ସମର୍ପଣ' ଆନୁକୁଲ୍ୟରେ ୨୮ ବର୍ଷରୁ କମ ତରୁଣ ଲେଖକ ଲେଖିକାମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ସଫଳ ପ୍ରତିଭାମାନଙ୍କୁ ସ୍ୱତନ୍ତ୍ର ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏକ ରାଜ୍ୟସ୍ତରୀୟ ଗଳ୍ପ, ମିନିଗଳ୍ପ, କବିତା, ପ୍ରବଂଧ (ଗବେଷଣାତ୍ମକ), ଫିଚର ପ୍ରତିଯୋଗୀତାର ଆୟୋଜନ କରାଯାଇଛି । ପ୍ରତିଯୋଗୀତାରେ ଯୋଗ୍ୟ ବିବେଚିତ ଲେଖକ ଲେଖିକାମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରିବା ସହ ଲେଖାଗୁଡ଼ିକୁ 'ସମର୍ପଣ'ର ଆଗାମୀ ସଂଖ୍ୟାମାନଙ୍କରେ ପ୍ରକାଶ କରାଯିବ । ପ୍ରତିଯୋଗୀତାରେ ଭାଗ ନେବାକୁ ଆଗ୍ରହୀ ତରୁଣତରୁଣୀମାନେ ନିଜର ମୌଳିକ ଲେଖାଗୁଡ଼ିକୁ ସାଧାକାଗଜର ଗୋଟିଏ ପାର୍ଶ୍ୱରେ ସୁନ୍ଦର ହସ୍ତାକ୍ଷରରେ ଲେଖି ନିଜର ଦୁଇଟି ପାସ୍‌ପୋର୍ଟ ଫଟୋ, ସଂପୂର୍ଣ୍ଣ ଡାକ ଠିକଣା, ବୟସ ସଂବନ୍ଧୀୟ ପ୍ରମାଣପତ୍ର ସହିତ ଆଗାମୀ ଫେବୃୟାରୀ ୨୦ ତାରିଖ ସୁଦ୍ଧା ସଂପାଦକ-'ସମର୍ପଣ', ବରଫକଳ ରୋଡ, କଲେଜ ଛକ, କଟକ-୩ ଠିକଣାରେ ପଠାଇବା ନିମନ୍ତେ ସଂପାଦକ ଅନୁରୋଧ କରିଛନ୍ତି ।

Sambad. 16.1.95